# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**04th July - 2024**

**News Editor : *Itishree Singh Rathuar***

**********************************

## ମୁଖ୍ୟ ସମ୍ବାଦ

- ବିପର୍ଯ୍ୟୟ ପରିଚାଳନାରେ ନିୟୋଜିତ ଓଡ୍ରାଫ୍ ଦଳ ସଂଖ୍ୟା ୩୦କୁ ବୃଦ୍ଧି କରାଯିବ; ବିପର୍ଯ୍ୟୟ ପରିଚାଳନା କମିଟି ବୈଠକରେ କହିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

- ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ରତ୍ନଭଣ୍ଡାର ଖୋଲାଯିବ; କହିଲେ ରତ୍ନଭଣ୍ଡାର ଯାଞ୍ଚ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ଅରିଜିତ୍ ପଶାୟତ ।

- ଏନ୍.ସି.ଇ.ଆର୍.ଟି. ପାଠ୍ୟପୁସ୍ତକର ଆବଶ୍ୟକତା ଓ ଅନ୍ୟ ପ୍ରସଙ୍ଗଗୁଡ଼ିକ ଉପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଲେ ସମୀକ୍ଷା ।

ଏବଂ

- ପୁରୀ ରଥଯାତ୍ରାପାଇଁ ପୁଲିସ୍ ମହାନିର୍ଦ୍ଦେଶକ କଲେ ସମୀକ୍ଷା ବୈଠକ ।

# ମୁଖ୍ୟମନ୍ତ୍ରୀ - ବିପର୍ଯ୍ୟୟ କମିଟି ବୈଠକ

ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଧ୍ୟକ୍ଷତା କରି ବର୍ଷା ଯୋଗୁଁ ସହରାଞ୍ଚଳରେ ସୃଷ୍ଟି ହେଉଥିବା ବନ୍ୟା ଭଳି ପରିସ୍ଥିତିର ମୁକାବିଲା ପାଇଁ ପଦକ୍ଷେପ ନେବାକୁ ନଗର ଉନ୍ନୟନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ବଳ ଥିବା ନଦୀବନ୍ଧ ଏବଂ ପୂର୍ବରୁ ସୃଷ୍ଟି ହୋଇଥବା ଘାଇଗୁଡ଼ିକର ତୁରନ୍ତ ମରାମତି କରିବାପାଇଁ ଜଳସେଚନ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । କଟକ, ଭୁବନେଶ୍ୱର ସମେତ ଅନ୍ୟ ସହରାଞ୍ଚଳଗୁଡ଼ିକରେ ବନ୍ୟାସ୍ଥିତିରେ ସୁଧାର ପାଇଁ ବୈଷୟିକ ବିଦ୍ୟାର ସହଯୋଗରେ ଦିଲ୍ଲି ଆଇ.ଆଇ.ଟି. ସହିତ ଏକ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ରାଜ୍ୟ ସରକାର ପ୍ରସ୍ତୁତ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ବନ୍ୟା ସ୍ଥିତିରେ ରାଜ୍ୟ, ଜିଲ୍ଲା ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ, ସାପକାମୁଡ଼ା ଇଞ୍ଜେକ୍ସନ୍ ଏବଂ ଔଷଧ ସମେତ ଖାଦ୍ୟପଦାର୍ଥ ଏବଂ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ମହଜୁଦ କରି ରଖିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିପର୍ଯ୍ୟୟ ପରିଚାଳନାରେ ନିୟୋଜିତ ଓଡ୍ରାଫ୍‌ର ଦଳ ସଂଖ୍ୟା ୨୦ରୁ ୩୦କୁ ବୃଦ୍ଧି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Voice* :..........**

ବୈଠକରୁ ମିଳିଥିବା ସୂଚନା ଅନୁସାରେ, ବିପର୍ଯ୍ୟ ସମୟରେ ଅଗ୍ନିଶମ ବିଭାଗର ଦକ୍ଷତା ବୃଦ୍ଧି ପାଇଁ ୩୯୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ଏବଂ

ଆଗାମୀ ଦିନରେ ଆଉ ୨୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯିବ । ଆକସ୍ମିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ୫ଟି ଆଞ୍ଚଳିକ ଅଗ୍ନିଶମ ସେବା କେନ୍ଦ୍ର କାର୍ଯ୍ୟକ୍ଷମ ହେବ । ବୈଠକରେ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ସ୍ୱାସ୍ଥ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀ ଏବଂ ମୁଖ୍ୟ ଶସନ ସଚିବ, ଉନ୍ନୟନ କମିଶନର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉପସ୍ଥିତ ଥିଲେ ।

***HS***

## ରତ୍ନଭଣ୍ଡାର

ରତ୍ନଭଣ୍ଡାର ଯାଞ୍ଚ କମିଟିର ଅଧ୍ୟକ୍ଷ ତଥା ସୁପ୍ରିମ୍‌କୋର୍ଟର ଅବସରପ୍ରାପ୍ତ ବିଚାରପତି  ଜଷ୍ଟିସ୍ ଅରିଜିତ୍ ପଶାୟତ କହିଛନ୍ତି, ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ରତ୍ନଭଣ୍ଡାର ଖୋଲାଯିବ । ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଜଷ୍ଟିସ୍ ଶ୍ରୀ ପଶାୟତ କହିଛନ୍ତି, ଆସନ୍ତାକାଲିଠାରୁ ୨୭ ତାରିଖ ପର୍ଯ୍ୟନ୍ତ ସେ ପୁରୀରେ ରହିବେ ଏବଂ ରତ୍ନଭଣ୍ଡାରର ଏକ କମିଟି ବୈଠକରେ ଯୋଗଦେବେ ।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ନେଇ ଠିକ୍ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏ ସମ୍ପର୍କରେ ରାଜ୍ୟବାସୀଙ୍କୁ ଯଥେଷ୍ଟ ପୂର୍ବରୁ ଅବଗତ କରାଯିବ ବୋଲି ସେ କହିଛନ୍ତି। ତେବେ ଏ ନେଇ କୌଣସି ପ୍ରକାର ଗୁଜବକୁ ବିଶ୍ୱାସ ନ କରିବାକୁ

ସେ କହିଛନ୍ତି। ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଆସନ୍ତା ୮ ତାରିଖରେ ରତ୍ନଭଣ୍ଡାର ଖୋଲିବା ନେଇ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇ ନାହିଁ ।

***HS***

# ଧର୍ମେନ୍ଦ୍ର ପ୍ରଧାନ - ଏନ୍.ସି.ଇ.ଆର୍.ଟି

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀରେ ଆଜି ଏନ୍.ସି.ଇ.ଆର୍.ଟି. ପାଠ୍ୟପୁସ୍ତକଗୁଡ଼ିକର ଆବଶ୍ୟକତା ଏବଂ ଅନ୍ୟ ପ୍ରସଙ୍ଗଗୁଡ଼ିକର ସମୀକ୍ଷା କରିଛନ୍ତି । ଶିକ୍ଷା ଓ ସାକ୍ଷରତା ବିଭାଗ ସଚିବ, ଏନ୍.ସି.ଇ.ଆର୍.ଟି. ନିର୍ଦ୍ଦେଶକ, ସି.ବି.ଏସ୍.ଇ. ଅଧ୍ୟକ୍ଷ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ । ବୈଠକରୁ ମିଳିଥିବା ସୂଚନା ଅନୁସାରେ, ତୃତୀୟ ଏବଂ ଷଷ୍ଠ ଶ୍ରେଣୀର ଏନ୍.ସି.ଇ.ଆର୍.ଟି. ପାଠ୍ୟପୁସ୍ତକଗୁଡ଼ିକର କେତୋଟି ବହି ଉପଲବ୍ଧ ଥିବାବେଳେ ଅନ୍ୟ କେତୋଟି ପାଠ୍ୟପୁସ୍ତକ ଖୁବ୍ ଶୀଘ୍ର ଛାତ୍ରୀଛାତ୍ରୀମାନଙ୍କୁ ଯୋଗାଇ ଦିଆଯିବ । ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଏନ୍.ସି.ଇ.ଆର୍.ଟି. ପକ୍ଷରୁ ନୂତନ ପାଠ୍ୟପୁସ୍ତିକା ଯୋଗାଇ ଦିଆଯାଉଛି ।

*HS*

# ରାଷ୍ଟ୍ରପତି - ଜୁଏଲ୍ ଓରାମ ସାକ୍ଷାତ୍

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରିଥିଲେ । ସାକ୍ଷାତ୍ ସମୟରେ ରାଷ୍ଟ୍ରପତିଙ୍କ ସହ ଏକଲବ୍ୟ ଆବାସିକ ବିଦ୍ୟାଳୟଗୁଡ଼ିକରେ ଏନ୍.ସି.ସି. ଲାଗୁ କରିବା ସମେତ ଆଦିବାସୀ ଛାତ୍ରଛାତ୍ରୀମାନଙ୍କର ବିକାଶ ପ୍ରସଙ୍ଗ ଉପରେ ଶ୍ରୀ ଓରାମ୍ ଆଲୋଚନା କରିଥିଲେ ।

*Puri/R*

# ଡି.ଜି.ପି. - ସମୀକ୍ଷା ବୈଠକ

ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶଙ୍କ ଅଧ୍ୟକ୍ଷତାରେ ଆଜି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରଥଯାତ୍ରାକୁ ଶୃଙ୍ଖଳିତ କରିବାପାଇଁ ୧୮୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୁଲିସ୍ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି ।

*ECR*

## ରେଳବାଇ - ରଥଯାତ୍ରା

ପୁରୀ ରଥଯାତ୍ରା ସମୟରେ ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ଉନ୍ନତ ଯାତ୍ରୀ ସୁବିଧା ଯୋଗାଇ ଦିଆଯିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି । ଯାତ୍ରୀମାନଙ୍କ ସୁବିଧା ଏବଂ ଟ୍ରେନ୍ ଚଳାଚଳ ସୁଗମ କରିବାପାଇଁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି ।  ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ଷ୍ଟେସନ ପରିସରର ପରିମଳ ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱାରୋପ କରାଯାଇଛି ।

*HS*

## ଜନସଂଖ୍ୟା ନିୟନ୍ତ୍ରଣ ସଚେତନତା

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସଚେତନତା ରଥର ଶୁଭାରମ୍ଭ ହୋଇଛି । ସଚେତନ ରଥ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଉଲୁଣ୍ଡା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ବୁଲି ଜନସଂଖ୍ୟା ନିୟନ୍ତ୍ରଣ ସମ୍ପର୍କିତ ବାର୍ତ୍ତା ପ୍ରଚାର କରିବ ।

*Boudh/R*

## ଶ୍ରମିକ ସମବାୟ ତାଲିମ୍ ଶିବିର

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପୁରୁଣା କଟକଠାରେ ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ପକ୍ଷରୁ ଦିନିକିଆ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ସାଧାରଣ ଖାଉଟିଙ୍କ ପାଇଁ ବଜାର ଦରଠାରୁ ରିହାତି ଦରରେ ଖାଉଟି ସାମଗ୍ରୀ ପାଇପାରିବା, ଶ୍ରମିକମାନଙ୍କର ସ୍ୱାସ୍ଥ୍ୟ ବୀମା ସମ୍ପର୍କରେ ତାଲିମ ପ୍ରାପ୍ତ ଅଧିକାରୀମାନେ ଶ୍ରମିକମାନଙ୍କୁ ବୁଝାଇଥିଲେ ।

*Nuapada/R*

## ବନ ମହୋତ୍ସବ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ପରିସରରେ ଯୁବ ରେଡ୍‌କ୍ରସ୍ ପକ୍ଷରୁ ୭୫ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଦେଶରେ “ମା’ଙ୍କ ପାଇଁ ବୃକ୍ଷଟିଏ” ଶୀର୍ଷକ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ମହାବିଦ୍ୟାଳୟ ପରିସରରେ ଚାରରୋପଣ କରାଯାଇଥିଲା ।

*Boudh/R*

## ରକ୍ତଶିକୁଳି ସଚେତନତା

ବୌଦ୍ଧ ଜିଲ୍ଲା ବଘିଆପଡ଼ା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ରକ୍ତଶିକୁଳି ବା ସିକିଲ୍‌ସେ୍‌ଲ ରୋଗ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ମେଣ୍ଟିମାଳ ସରକାରୀ ହାଇସ୍କୁଲ୍‌ରେ ହୋଇଯାଇଛି । ସିକିଲ୍‌ସେଲ୍ ରୋଗର କାରଣ, ଲକ୍ଷଣ ଓ ପ୍ରଭାବ ସମ୍ପର୍କରେ ସ୍କୁଲ୍‌ର ଛାତ୍ରଛାତ୍ରୀମାନଙ୍କୁ ଡାକ୍ତର ବିମଳ କୁମାର ସାହୁ ବୁଝାଇଥିଲେ । ଏଥିସହ ରକ୍ତନମୁନା ପରୀକ୍ଷାପାଇଁ ମଧ୍ୟ ପରାମର୍ଶ ଦେଇଥିଲେ ।

*Sambalpur/R*

## ହାତୀ ମୃତ

ସମ୍ବଲପୁର ବନଖଣ୍ଡ ଡିଭିଜନ ସଦର ରେଞ୍ଜ୍ ଝାଙ୍କରବାହାଲି ଗ୍ରାମରେ ୧୧ କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ହାତୀର ମୃତ୍ୟୁ ଘଟିଛି । ଗତକାଲି ବିଳମ୍ବିତ ରାତିରେ ଯୁଜୁମରା ବସିଆପଡ଼ା ଅଞ୍ଚଳରୁ ଏକ ହାତୀପଲ ଯିବା ଆସିବା ସମୟରେ ହାତୀଟି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲା । ଘଟଣାସ୍ଥଳରେ ହାତୀଟିର ମୃତ୍ୟୁ ଘଟିଥିଲା । ବନ ବିଭାଗ ଘଟଣାର ତଦନ୍ତ କରୁଛି ।

***Malkangiri/R***

# ଆଦିତ୍ୟ ମାଡ଼ିଙ୍କ ଶେଷକୃତ୍ୟ

ମାଲକାନଗିରି ନିର୍ବାଚନ ମଣ୍ଡଳିର ପୂର୍ବତନ ବିଧାୟକ ଆଦିତ୍ୟ ମାଡ଼ିଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି । ଆଜି ତାଙ୍କ ପାର୍ଥିବ ଶରୀର ମାଲକାନଗିରିରେ ପହଞ୍ଚିବା ପରେ ବି.ଜି.ପି. ଜିଲ୍ଲା କାର୍ଯ୍ୟାଳୟଠାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାପରେ ତାଙ୍କ ତାଙ୍କ ପାର୍ଥିବ ଶରୀରକୁ ପୈତୃକ ଗ୍ରାମ ରୋଡ଼ାନପାଲି ନିଆଯାଇଥିଲା । ସେଠାରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ସମେତ ବହୁ କର୍ମୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଥିଲା ।

***Desk***

# ପରଲୋକ

ଆକାଶବାଣୀ ଏବଂ ଦୂରଦର୍ଶନର ଯାନ୍ତ୍ରିକ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ରାମକୃଷ୍ଣ ସ୍ୱାଇଁଙ୍କର ଗତକାଲି ପରଲୋକ ହୋଇଯାଇଛି । ଦୀର୍ଘ ୪୨ ବର୍ଷ ଚାକିରି କାଳରେ ସ୍ୱର୍ଗତ ସ୍ୱାଇଁ ଆକାଶବାଣୀ ଏବଂ ଦୂରଦର୍ଶନର ଯାନ୍ତ୍ରିକ ବିଭାଗରେ ପ୍ରଶଂସନୀୟ କାର୍ଯ୍ୟ କରିଥିଲେ ।

*Dhenkanal/R*

# ପୌର ପରିଷଦ ବୈଠକ

ଢେଙ୍କାନାଳ ପୌର ପରିଷଦର ସାଧାରଣ ବୈଠକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ମ୍ୟୁନିସିପାଲିଟିର ରାଜସ୍ୱ ବୃଦ୍ଧି ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯିବା ସହ ନିୟମିତ ରାଜସ୍ୱ ସଂଗ୍ରହପାଇଁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରୁ ମିଳିଥିବା ସୂଚନା ଅନୁସାରେ ଗତ ଆର୍ଥିକ ବର୍ଷରେ ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ୬୬ କୋଟି ୧୭ ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା । ସହରର ମହିଷାପାଟ ଅଞ୍ଚଳର ସ୍ମାର୍ଟ ପାର୍କ ପ୍ରତିଷ୍ଠା ଓ ପ୍ଲାଷ୍ଟିକ୍ ବ୍ୟବହାର ରୋକିବାପାଇଁ ବୈଠକରେ ଆଲୋଚନା କରାଯାଇଥିଲା ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

*Met. O.*

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆସନ୍ତାକାଲି ସୁଦ୍ଧା ରାଜ୍ୟର ୧୦ଟି ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ, କେନ୍ଦୁଝର, ବରଗଡ଼, ମୟୂରଭଞ୍ଜ, ବଲାଙ୍ଗିର ଓ କଳାହାଣ୍ଡିରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା

ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଜୁନ୍ ପହିଲାରୁ ଗତକାଲି ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକ ବର୍ଷା ତୁଳନାରେ ୨୫ ପ୍ରତିଶତ କମ୍ ବର୍ଷା ରେକର୍ଡ଼ କରାଯାଇଛି । ୧୭ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

*****